**ମଦ ଜବତ, ଜଣେ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ରବିବାର ଅମାସମା ଗ୍ରାମରେ ଚଢ଼ାଉ କରି ଲକ୍ଷ୍ମୀଧର ପ୍ରଧାନଙ୍କ ଘରୁ ୧୮ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ଘରେ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ପୋଲିସ ଚଢ଼ାଉ କରିଥିଲା। ପୋଲିସ ଏକ ମାମଲା ରୁଜୁ କରିଛି।



# ଜଙ୍ଗଲାଞ୍ଚଳରେ ପହଞ୍ଚୁନି ଯୋଜନା

- ■ନାଳ ଉପରେ ପୋଲଟିଏ କରିପାରୁନି ପ୍ରଶାସନ
- ■୧୩ ବର୍ଷ ହେଲା ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ
- ■କାଠପୋଲ ହିଁ ପାଲଟିଛି ଏକମାତ୍ର ସାହାଭରସା

ବଇଣ୍ଡା, ୨୫।୨ (ପରିକ୍ଷିତ ସାହୁ)



ଜଙ୍ଗଲୀ ନାଳ ଉପରେ ଗ୍ରାମବାସୀ କାଠ ପୋଲ କରି ଯାତାୟାତ କରୁଛନ୍ତି।

ଗାଁକୁ ଲମ୍ବିଛି ମାଟି ରାସ୍ତା। ସେଥିରେ ପୁଣି ପଡୁଛି ଜଙ୍ଗଲୀ ନାଳ। ବର୍ଷତମାମ ଏହି ନାଳରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ପାଇଁ ବଡ଼ ହୀନସ୍ତା ହେଉଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ଖୋଲାରେଗେଡ଼ା ଗ୍ରାମବାସୀ। ତେଣୁ ପକ୍କା ପୋଲଟିଏ ପାଇଁ ପ୍ରଥମ କରି ୨୦୧୦ ମସିହାରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ଲୋକେ। ବ୍ଲକ କର୍ତ୍ତୃପକ୍ଷଙ୍କୁ ଭେଟି ପ୍ରଦାନ କରିଥିଲେ ଦାବିପତ୍ର। ହେଲେ ବାରମ୍ବାର ଦାବି ସତ୍ତ୍ୱେ ଦୀର୍ଘ ୧୩ ବର୍ଷ ହେଲା ଜଙ୍ଗଲ ଅଧୁଷିତ ଏହି ଗ୍ରାମାଞ୍ଚଳରେ ପହଞ୍ଚିପାରିନି ସରକାରୀ ଯୋଜନା। ଫଳରେ ଗ୍ରାମବାସୀ ନିର୍ମାଣ କରିଥିବା କାଠ ପୋଲ ହିଁ ପାଲଟିଛି ଗମନାଗମନର ଏକମାତ୍ର ସାହାରା। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯିବା ସହ ତୁରନ୍ତ ପକ୍କା ପୋଲଟିଏ ନିର୍ମାଣ କରିବାକୁ ଦାବି କରାଯାଇଛି।

ଗ୍ରାମବାସୀ କହିଛନ୍ତି, ହଣ୍ଡପା ଥାନା ହିଞ୍ଜିରିଡାରୁ ଖୋଲାରେଗେଡ଼ା ଗ୍ରାମକୁ ଯାତାୟାତ ପାଇଁ ଏକ ମାଟି ରାସ୍ତା ରହିଛି। ଦୀର୍ଘବର୍ଷ ହେଲା ଏହା ମରାମତି ହୋଇ ନ ଥିବାରୁ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାକୁ ପିଚୁ କରାଯାଉ ନ ଥିବା ବେଳେ ସେଥିରେ ପଡୁଥିବା ନାଳ ଉପରେ ମଧ୍ୟ ପ୍ରଶାସନ ପୋଲ ନିର୍ମାଣ କରୁନାହିଁ। ଫଳରେ ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ କୁଣ୍ଡାଳି, ହିଞ୍ଜିରିଡ଼ା, ଖୋଲାରେଗେଡ଼ା ଗ୍ରାମବାସୀ ବର୍ଷ ତମାମ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ବର୍ଷତମାମ ନାଳରେ ପାଣି ଯାଉଥିବା ଯୋଗୁ ପୋଲଟିଏ ଜରୁରୀ ବୋଲି ୨୦୧୦ ମସିହାରେ ଗ୍ରାମବାସୀ ବ୍ଲକ ପ୍ରଶାସନକୁ ଜଣାଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ଶେଷରେ ବାଧ୍ୟ ହୋଇ ସେମାନେ କାଠପୋଲଟିଏ ନିର୍ମାଣ କରିଥିଲେ। ହେଲେ ସେମାନଙ୍କ ଯାତାୟାତ ଯାତନା ଦୂର ହୋଇପାରି ନାହିଁ। କାରଣ ଏହି କାଠ ପୋଲ ଉପରେ ୪ ଚକିଆ ଯାନ ଯାଇପାରୁ ନ ଥିବାରୁ ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ମଧ୍ୟ ଆସିପାରୁ ନାହିଁ। ଫଳରେ ଗର୍ଭବତୀ ଓ ଗୁରୁତର ଅସୁସ୍ଥଙ୍କୁ ଖଟରେ ବୋହି କାଠ ପୋଲ ପାରି କରିବାକୁ ପଡୁଛି। ଏହାପରେ ସେମାନଙ୍କୁ ଗାଡ଼ିରେ ମେଡିକାଲ ଯାଏ ନିଆଯାଉଛି। ଏହି ନାଳ ଉପରେ ପକ୍କା ପୋଲ ନିର୍ମାଣ କରିବା ପାଇଁ ଦୀର୍ଘ ୧୩ ବର୍ଷ ହେଲା ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଜଙ୍ଗଲ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଏହି ଗ୍ରାମକୁ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ନାଳ ଉପରେ ପୋଲ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କଡ଼ା ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ଗ୍ରାମବାସୀଙ୍କ ସମସ୍ୟା ଉପରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବ।

## ପ୍ରଧାନ ଶିକ୍ଷକ, ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ତାଳଚେର,(ମନୋଜ ନନ୍ଦ)/ ବଇଣ୍ଡା, ୨୫।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ତାଳଚେର ବ୍ଲକ ଜଗନ୍ନାଥପୁର ପଞ୍ଚାୟତରେ ଥିବା ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର କରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଅନୁଗୋଳ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଜିଲାପାଳ ମହମ୍ମଦ ଅବଦଲ ଅଖତାର, ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ପ୍ରଧାନ ଶିକ୍ଷକ କରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ହାଇସ୍କୁଲ୍‌କୁ ଶ୍ରେଷ୍ଠ ସ୍କୁଲ, ପରିଚାଳନା କମିଟିକୁ ଶ୍ରେଷ୍ଠ ପରିଚାଳନା କମିଟି ଭାବେ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକଙ୍କୁ ଏହି ସଫଳତା ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ ତଥା ସ୍ଥାନୀୟବାସୀ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଡ଼ହୁଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶନିବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁଙ୍କୁ ଅନୁଗୋଳ ଜିଲାପାଳ ମାନପତ୍ର ସହ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷାକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସହ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଦକ୍ଷତା ଅର୍ଜନ କରିଥିବା ଯୋଗୁ ଏହି ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ଏହି ପୁରସ୍କାରକୁ ନେଇ ବଡହୁଲା ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା




ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଅନୁଗୋଳ,୨୫।୨ (ଅମିତ କୁମାର ସାମଲ)

ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅଞ୍ଚଳବାସୀଙ୍କୁ ସଚେତନତ କରିବା ଉଦ୍ଦେଶ୍ୟରେ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟିକରପଡ଼ାଠାରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଡିଏଫ୍ଓ ସରୋଜ କୁମାର ପଣ୍ଡା ଓ ଏଫ୍ଇଏସ୍‌ର ଅନୁଗୋଳ କର୍ମକର୍ତ୍ତା, ବନବିଭାଗ କର୍ମଚାରୀ, ଗ୍ରାମବାସୀ, କୁନି କୁନି ପିଲାମାନେ ଏହି ରଥ ଶୁଭାରମ୍ଭ ବେଳେ ଉପସ୍ଥିତ ଥିଲେ। ସାଧାରଣତଃ ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଯାଇଥାଏ। ଏହି ନିଆଁ ଯୋଗୁ ଜଙ୍ଗଲାଞ୍ଚଳର ବହୁ କ୍ଷୟକ୍ଷତି ଘଟିଥାଏ। ଜଙ୍ଗଲରେ ଥିବା ଜୀବଜନ୍ତୁ, ସରୀସୃପ, ଅନେକ ଉପକାରୀ କୀଟ ପତଙ୍ଗ ପୋଡ଼ି ପାଉଁଶ ହୋଇଯାଇଥାନ୍ତି। ଅନେକ ମୂଲ୍ୟବାନ ଗଛଲତା, ଔଷଧୀୟ ଚେରମୂଳ ପୋଡ଼ି ନଷ୍ଟ ହୋଇଯାଏ। ଏଥିସହିତ ଜଳବାୟୁ, ପରିବେଶ ଉପରେ ଏହାର ବହୁ କୁପ୍ରଭାବ ପଡ଼ିଥାଏ। ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚୁଥିବା ଲୋକଙ୍କ ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହୋଇଥାଏ। ତେଣୁ ସମସ୍ତେ ଏଥିପ୍ରତି ସଜାଗ ରହିଲେ ଜଙ୍ଗଲରେ ନିଁଆ ଲାଗିବ ନାହିଁ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା।

## ଅନାଥ ଶିଶୁଙ୍କୁ ଭେଟିଲେ ଜିଲା ଶିଶୁ ସୁରକ୍ଷା ଅଧିକାରୀ

ଅନୁଗୋଳ,୨୫।୨ (ଅମିତ କୁମାର ସାମଲ)

କରୋନା ମହାମାରୀ ସମୟରେ ବାପାଙ୍କୁ ହରେଇ ଥିବା ୩ ଶିଶୁ ନିକଟରେ ମାତୃ ଛେଉଣ୍ଡ ହୋଇଛନ୍ତି। ଏହି ଖବରପାଇ ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ପାଲଲହଡ଼ା ବ୍ଲକ ରଞ୍ଜା ଗାଁକୁ ଯାଇ ସମ୍ପୃକ୍ତ ପରିବାରର ପିଲାମାନଙ୍କୁ ଭେଟିଛନ୍ତି। ସେମାନଙ୍କ ପାଠପଢ଼ା ଉପରେ ଗୁରୁତ୍ୱ ଦେବା ସହିତ ସରକାରଙ୍କ ବିଭିନ୍ନ ଯୋଜନାରେ ସେମାନଙ୍କୁ ସାମିଲ କରିବାକୁ ଆଲୋଚନା କରିଛନ୍ତି । ଏଥିସହିତ ଉକ୍ତ ଆଦିବାସୀ ଗ୍ରାମର ସମସ୍ତ ଶିଶୁ ନିୟମିତ ପାଠ ପଢ଼ିବା ଉପରେ ଗୁରୁତ୍ୱଆରୋପ କରିଛନ୍ତି। ଶିଶୁ ଶ୍ରମିକ ଏବଂ ବାଲ୍ୟବିବାହ ନ କରେଇବା ଦେବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଏହି ପରିଦର୍ଶନ ସମୟରେ ଖମାର ଅଞ୍ଚଳର ସାମାଜିକ କର୍ମୀ ଖଗେଶ୍ୱର ପିଙ୍ଗୁଆ ସହଯୋଗ କରିଥିଲେ।

## ବୁଢ଼ାପଙ୍କଙ୍କୁ ହରାଇ ଅରାହାଟ ଚାମ୍ପିୟନ

ଅନୁଗୋଳ,୨୫।୨ (ଅମିତ କୁମାର ସାମଲ)

ଅନୁଗୋଳ ତୁଳସୀପାଳ ପଞ୍ଚାୟତ ଗୋଡିସାହିସ୍ଥିତ ମା’ ଫଟାକାଞ୍ଜିଆ ଖେଳ ପଡିଆଠାରେ ଆୟୋଜିତ ୨ୟ ମା’ ଫଟାକାଞ୍ଜିଆ କ୍ରିକେଟ ଏରିନା ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ବସୁଧା) ଯୋଜନାର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ଅଜା ତଥା ସ୍ୱର୍ଗତ ଯବାନ ଦିବାକର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ରବିବାର ଫାଇନାଲ ମ୍ୟାଚରେ ବୁଢାପଙ୍କ ଟିମ୍‌କୁ ହରାଇ ଅରାହାଟ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଏମ୍‌ପିଙ୍କ ପ୍ରତିନିଧୀ ଭକ୍ତିପ୍ରସାଦ ଦାସ, ବଣ୍ଟଁରପାଳ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ, ତୁଳସୀପାଳ ସରପଞ୍ଚ ସୁନୀତା ସେଠୀ, ସମିତିସଭ୍ୟ କର୍ଣ୍ଣ ଗୋଚ୍ଛାୟତ, ବନ୍ଦା ସମିତିସଭ୍ୟ ଦୁଷ୍ମନ୍ତ ଗଡନାୟକ, ବୁଢାପଙ୍କ ସମିତିସଭ୍ୟ ବାବୁନ ବେହେରା, ପୂର୍ବତନ ସରପଞ୍ଚ ଲୋକନାଥ ସାହୁ, ପୂର୍ବତନ ସମିତିସଭ୍ୟ ମାଧୁରୀ ବିଶୋଇ, କାଉନସିଲର ବଳରାମ ଜେନା, ଲକ୍ଷ୍ମୀ ପୂଜା କମିଟି ସଭାପତି ବିନୟ କୁମାର ସାହୁ, ବିଜୁ ଯୁବ ଜନତା ଦଳ ଜିଲା ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ସମ୍ପାଦକ ସଞ୍ଜୀବ ସାହୁ, ସାମାଜିକ କର୍ମୀ ତାପସ କୁମାର ପାଲ ପ୍ରମୁଖ ଉପସ୍ଥିତ ଥିଲେ।




ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ଶିଶୁମନ୍ଦିର ବାର୍ଷିକ ଉତ୍ସବ

ଖମାର,୨୫।୨(ରଜନୀକାନ୍ତ ମହାରଣା)

ପାଲଲହଡ଼ା ବ୍ଲକ ଶଙ୍ଖପୁର ପଞ୍ଚାୟତ ଗାରଡମୁଣ୍ଡାସ୍ଥିତ ଆଞ୍ଚଳିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ଶଙ୍ଖପୁର ସରପଞ୍ଚ ପ୍ରଦୀପ କୁମାର ଦେହୁରୀ, ସମିତି ସଭ୍ୟ ନୀଳମାଧବ ପ୍ରଧାନ, ଗ୍ରାମ୍ୟ ସଭାପତି ଜେନାମଣି ପ୍ରଧାନ, ବିଦ୍ୟାମନ୍ଦିର ସଭାପତି ନୀଳମଣି ବିଶ୍ୱାଳ ଏବଂ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କୁମାର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମ୍ୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ୍ ମୋହନ ସାହୁ ମଞ୍ଚ ପରିଚାଳନା କରିଥିଲେ।



ଶିଶୁମନ୍ଦିର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

## କଂଗ୍ରେସ ଓବିସି ସେଲ୍‌ର ମିଶ୍ରଣ ପର୍ବ



ଅନୁଗୋଳ,୨୫।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଓବିସି ସେଲ୍ ସଭାପତି ପ୍ରବୋଧ କୁମାର ସ୍ୱାଇଁ ଏହାର ଆୟୋଜନ କରିଥିଲେ। ଏହି ଅବସରରେ ବିଜେଡି ଓ ଭାଜପା ଛାଡ଼ିଥିବା ସୁଶାନ୍ତ ବେହେରା, ମନ, ବିଭୁ, ପଞ୍ଚୁ, ଆଜାଦ, ଭୋଲା, ଗିରିଶ, ଅନାମ, ପ୍ରଶାନ୍ତ, ଦିଲୀପ, ମଣ୍ଟୁ, ଚନ୍ଦନ, କୁଶ, ମାଦୁ ଭୋଇ, ରାଜୁ, ଅଜୁ, ରବି, ଲକ୍ଷ୍ମଣ, ସଞ୍ଜୟ, ବିଜୟ, ବାବୁ, ମହେନ୍ଦ୍ର, ଜିତେନ୍ଦ୍ର, ସୁର, ସୁଜନ, ବାବୁଲା, ମୁନା, ବିଶାଲ, ଚିହରୁ, ବଳିଆ, ଶେଷ, ଯୋଗୀ, ରାମ, ଇବାଦତ, ଯୋଗୀ ସାହୁ, ଅଜୁ ପ୍ରଧାନ, ପପୁ ପ୍ରମୁଖ କର୍ମୀମାନେ କଂଗ୍ରେସରେ ସାମିଲ ହୋଇଥିଲେ। ବରିଷ୍ଠ ନେତା ବଳବୀର ସିଂହ ଓ ଦୁଷ୍ମନ୍ତ ଦଳବେହେରା ନୂତନ ଭାବେ ଯୋଗଦାନ କରିଥିବା କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥଲେ। ଅଭିଷେକ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିନେଶ ସାହୁ ସାଧାରଣ ସମ୍ପାଦକ ନିଯୁକ୍ତ

ତାଳଚେର,୨୫।୨ (ମନୋଜ ନନ୍ଦ)



ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ଓବିସି ସେଲ୍‌ର ସାଧାରଣ ସମ୍ପାଦକ ଭାବେ ତାଳଚେରର ଜିନେଶ ସାହୁ ମନୋନୀତ ହୋଇଛନ୍ତି। ରାଜ୍ୟ କଂଗ୍ରେସ ଓବିସି ସେଲ୍‌ର ସଭାପତି ବିଜୟାନନ୍ଦ ଚାଉଳିଆ ଜିନେଶଙ୍କୁ ମନୋନୀତ କରିଛନ୍ତି। ସାହୁ ଏହା ପୂର୍ବରୁ ତାଳଚେର ଯୁବ କଂଗ୍ରେସ ସଭାପତି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ଏହି ନୂତନ ପଦବୀ ମିଳିବା ପରେ ସାହୁଙ୍କୁ ତାଙ୍କ ସମର୍ଥକ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି ଜିନେଶ ପ୍ରକାଶ କରିଛନ୍ତି। ଏହି ପଦବୀ ମିଳିବା ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏବଂ ଓବିସି ସେଲ୍ ସଭାପତି ଚାଉଳିଆଙ୍କୁ ଜିନେଶ କୃତଜ୍ଞତା ଜଣାଇଛନ୍ତି।

## ବିଜେଡିକୁ ସୁଦୃଢ଼ କରିବାକୁ ଆହ୍ୱାନ

ବଇଣ୍ଡା, ୨୫।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଗସ୍ତରେ ରବିବାର ଆସିଥିବା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କିଶୋରନଗର ବ୍ଲକ ବଇଣ୍ଡା ଠାରେ ବିଜେଡି ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ଆଠମଲ୍ଲିକ ମାଟିକୁ ପ୍ରଣବଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଣବ ଉପସ୍ଥିତ ଥିବା ବିଜେଡି କର୍ମୀଙ୍କୁ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବା ସହ ବିଜେଡି ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, କାଜଲ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ସୁନୀଲ ବିଶ୍ୱାଳ, ସୁଶୀଲ ବିଶ୍ୱାଳ, ତପନ ସାହୁ, ମାନସ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ବିଜେଡି ୧୩ ନମ୍ବର ଜୋନ୍ ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।



ବଇଣ୍ଡାଠାରେ ପହଞ୍ଚିବା ପରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ସ୍ୱାଗତ କରାଯାଉଛି।

## ନବୀନଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ବଢ଼ିଚାଲିଛି: ବବି

**ଆଠମଲ୍ଲିକ ମାନଯୋରରେ ବିଜେଡି କର୍ମୀ ସମାବେଶ**

ଆଠମଲ୍ଲିକ,୨୫।୨(ଉଦୀପ୍ତ ପୁରୋହିତ)



କର୍ମୀ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ।

ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରୁ ଲୋକେ ସୁଫଳ ପାଉଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ବଢ଼ି ଚାଲିଛି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାନଯୋରଠାରେ ରବିବାର ଅନୁଷ୍ଠିତ ବିଜେଡିର କର୍ମୀ ସମାବେଶରେ ଯୋଗଦେଇ ଏହା କହିଛନ୍ତି ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)।

ଦିନିକିଆ ଆଠମଲ୍ଲିକ ଗସ୍ତରେ ଆସିଥିବା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଇଣ୍ଡା ଛକରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ସେଠାରୁ ପ୍ରଣବ ପ୍ରକାଶଙ୍କୁ ଏକ ବିରାଟ କାର୍ ଓ ବାଇକ୍ ଶୋଭାଯାତ୍ରାରେ ଆଠମଲ୍ଲିକ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ପେଡିପଥର ଓ ଠାକୁରଗଡ଼ରେ ଦଳୀୟ କର୍ମୀମାନଙ୍କ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଆଠମଲ୍ଲିକ ସହରର ପ୍ରବେଶ ପଥ ଗାନ୍ଧୀ ପାର୍କ ଛକ ନିକଟରେ ପହଞ୍ଚିବା ପରେ ଏନ୍ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁଙ୍କ ନେତୃତ୍ୱରେ କାଉନସିଲର ଓ ଦଳୀୟ ସମର୍ଥକମାନେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ପରେ କଚେରୀ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପ୍ରଣବ ପ୍ରକାଶ ଓ ନଳିନୀକନ୍ତ ଫୁଲମାଳ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ମାନଯୋର ଡ୍ୟାମ୍ ନିକଟସ୍ଥ ପଡିଆରେ ଆୟୋଜିତ ଦଳୀୟ କର୍ମୀ ସମାବେଶରେ ପହଞ୍ଚି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ କିପରି ରାଜ୍ୟବାସୀ ପାଉଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ ଉପସ୍ଥିତ ବରିଷ୍ଠ ନେତା ନଳିନୀକାନ୍ତ ଲୋକପ୍ରିୟତାର ଶୀର୍ଷରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟା ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ବିଜେଡିର ଛାମୁଆ ସଙ୍ଗଠନ ନେତା ଏବଂ ବହୁସଂଖ୍ୟାରେ ଦଳୀୟ କର୍ମୀ ଯୋଗ ଦେଇଥିଲେ।

**ଟାୟାର ଚୋରି, ୩ ଗିରଫ**

ଛେଣ୍ଡିପଦା,(ଅଜିତ ଧଳ): ଛେଣ୍ଡିପଦା ବ୍ଲକ ଛକରେ ଥିବା ଟାୟାର ମରାମତି ଦୋକାନରୁ ଟାୟାର ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଟାୟାର ମରାମତି ଦୋକାନୀ ମାଲିକ ଗଗନ ବିହାରୀ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୮୬/୨୪ରେ ଏକ ମାମଲା ରୁଜୁ କରି ସମ୍ବଲପୁର ଜିଲା ଯମନକିରା ଅଞ୍ଚଳର ଦଶରଥୀ ଜାମୁଲିଆ, କରନ ନାଏକ ଓ ଏମ୍‌ଡି ଗୁଲଫାନଙ୍କୁ ଗିରଫ କରିଛି। ଏଥିସହିତ ଚୋରି ହୋଇଥିବା ଟାୟାର ସମେତ ଏକ ପିକ୍‌ଅପ ଭ୍ୟାନ ଜବତ କରିଛି।

# ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କାମାକ୍ଷାନଗର,୨୫।୨(ସୁଧୀର ପରିଡ଼ା)



ଢେଙ୍କାନାଳ ଜିଲା କାମାକ୍ଷାନଗରଠାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବେ ବିଦେଶୀ ଜ୍ଞାନକୌଶଳ ମାଧ୍ୟମରେ ସିନ୍ଥେଥିକ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧.୫ କି.ମି ଲମ୍ବ ଏହି ନୂତନ ଟେକ୍ନୋଲୋଜିରେ ରାସ୍ତା ନିର୍ମାଣ ପାଇଁ ୮କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ନୂତନ ରାସ୍ତା ଦୀର୍ଘବର୍ଷ ପର୍ଯ୍ୟନ୍ତ ବିନା ମରାମତିରେ କାର୍ଯ୍ୟକ୍ଷମ ହୋଇପାରିବ। ଫଳରେ ସରକାରଙ୍କ ରାଜସ୍ୱ ବଞ୍ଚିବା ସହ ଲୋକଙ୍କ ଗମନାଗମନରେ ଅନେକ ସାହାଯ୍ୟ ହୋଇପାରିବ। ଏହି ରାସ୍ତାର ସଫଳତାକୁ ଦେଖି ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ଏହି ରାସ୍ତା ନିର୍ମାଣ କରାଯିବ। ସେହିପରି କାମାକ୍ଷାନଗର ଉପଜିଲାପାଳ କାର୍ଯ୍ୟାଳୟ ପରିସରରେ ନୂତନ ମିଶନ ଶକ୍ତି ଭବନ ଉଦ୍‌ଘାଟିତ ହୋଇଯାଇଛି। ସହରର ମଧ୍ୟଭାଗଠାରେ ନୂତନ ରାଜସ୍ୱ ବିଭାଗର ବଙ୍ଗଳା ଗୃହର ମଧ୍ୟ ଉଦ୍‌ଘାଟନ ହୋଇଯାଇଛି। ସେହିପରି ଢେଙ୍କାନାଳ -କାମାକ୍ଷାନଗର ପୂର୍ତ୍ତ ବିଭାଗ ରାସ୍ତାର ଜଡ଼ାପାଳଠାରେ ନୂତନ ପଥପ୍ରାନ୍ତ ସୁବିଧାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ତରଫରୁ ଯନ୍ତ୍ରୀମୁଖ୍ୟ (ନିର୍ମାଣ) ଭୁବନେଶ୍ୱରର ମନୋରଞ୍ଜନ ମିଶ୍ର, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ଦୁଃଖବନ୍ଧୁ ବେହେରା, ଯନ୍ତ୍ରୀ ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ତୁଷାରକାନ୍ତ ପଣ୍ଡାଙ୍କ ସମେତ କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ଶତାଧିକ ଲୋକ ଯୋଗ ଦେଇଥିଲେ। ପୂର୍ତ୍ତ ବିଭାଗ ତରଫରୁ ଢେଙ୍କାନାଳ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, କାମାକ୍ଷାନଗର ଉପଖଣ୍ଡ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଗ୍ରାମରେ ବାର୍ଷିକ ଉତ୍ସବ

କଣିହାଁ,୨୫।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ମସୁଣିହତା ଗ୍ରାମର ବାର୍ଷିକ ପର୍ବ ଅଗ୍ନି ଉତ୍ସବ ଯାତ୍ରାକୁ ନେଇ ଦୁଇଦିନ ଧରି ସମଗ୍ର ଗ୍ରାମ ଚଳଚଞ୍ଚଳ ହୋଇ ଉଠିଥିଲା। ଶୁକ୍ରବାର ରାଧାକୃଷ୍ଣଙ୍କ ବିମାନକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ରାତ୍ରିରେ ଦୁଇଦିନ ଧରି ନାଟକ ମଞ୍ଚସ୍ଥ ହୋଇଥିଲା। ଶନିବାର ସକାଳେ ପଡୋଶୀ ଅଞ୍ଚଳର ବିଭିନ୍ନ ନାମ ସଂକୀର୍ତ୍ତନ ଦଳ ଯୋଗଦେଇ କରି ହରିନାମ ପରିବେଷଣ କରିଥିଲେ। ସେହିପରି ଟାକୁଆ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଥିଲା। ବଜ୍ରକୋଟ ଗ୍ରାମ ଅବଧୂତ ଚିତ୍ରକୁଟ ଆଶ୍ରମରେ ଦୀର୍ଘ ୨୫ ବର୍ଷ ପରେ ପୁନଃ ଅହୋରାତ୍ର ନାମଯଜ୍ଞକୁ ନେଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବାଲିପଟା ଗ୍ରାମରେ ମାଘପୂର୍ଣ୍ଣିମା ଯାତ୍ରା ଉତ୍ସବକୁ ନେଇ ଶନିବାର ରାତିରେ ବାଦଦଣ୍ଡ ଅନୁଷ୍ଠିତ ହୋଇଥିଲା। ରବିବାର ଅନେକ ଗ୍ରାମର ନାମସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ।

# ଦୀପୁ ଫାଇଟର ଚାମ୍ପିୟନ

ପରଜଙ୍ଗ,୨୫।୨(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ମାଣିକମରା ଷ୍ଟାଡିୟମଠାରେ ଏମ୍‌ପିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ସିଜିନ-୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଏସ୍ ଫାଇଟର ଓ ଦୀପୁ ଫାଇଟର ଟିମ୍ ମଧ୍ୟରେ ୩ଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚରେ ଏସ୍‌ଏସ୍ ଫାଇଟର ବ୍ୟାଟିଂ କରି ୧୪୨ ରନ୍ କରିଥିଲା। ଜବାବରେ ଦିପୁ ଫାଇଟର ୧୧୨ ରନ୍ କରି ପରାସ୍ତ ହୋଇଥିଲା। ୨ୟରେ ମ୍ୟାଚ୍ ଏସ୍‌ଏସ୍ ଫାଇଟର ବ୍ୟାଟିଂ କରି ୩୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଦୀପୁ ଫାଇଟର ୩୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ୩ୟ ମ୍ୟାଚ୍‌ରେ ଦୀପୁ ଫାଇଟର ପ୍ରଥମେ ବ୍ୟାଟିଂ କରି ୭୧ ରନ୍ କରିଥିଲା। ଜବାବରେ ଏସଏସ ଫାଇଟର ୬୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦୀପୁ ଫାଇଟର ଟିମ୍ ୩ ଗୋଟି ମ୍ୟାଚ୍‌ରୁ ୨ଟି ମ୍ୟାଚ୍ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜମ୍ମେଶର ବର୍ମା, ଦିଲୀପ ବର୍ମା ଯୋଗଦେଇ ଉଭୟ ଟିମକୁ ପୁରସ୍କୃତ କରିଥିଲେ। ଅଭୟ, ତିଷ୍ଟୁ ଖେଳ ପରିଚାଳନା କରିଥିଲେ। ରିଙ୍କୁ, ବଳିଆ, କହ୍ନେଇ, ରକି ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଅଗ୍ନି ଉତ୍ସବକୁ ନେଇ ଗଣ୍ଡଗୋଳ, ୭ ଗୁରୁତର

**ଉଭୟ ପକ୍ଷରୁ ଥାନାରେ ମାମଲା, ୧୧ ଗିରଫ**

ଅନୁଗୋଳ, ୨୫।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଣ୍ଟଁରପାଳ ଥାନା ପନ୍ଦରଗଉଣିଆ ଗ୍ରାମରେ ଶନିବାର ରାତିରେ ତୁମୁଳକାଣ୍ଡ ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ୭ ଜଣ ଗୁରୁତର ହୋଇଛନ୍ତି। ଅଗ୍ନି ଉତ୍ସବକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ବଣ୍ଟଁରପାଳ ଥାନାରେ ଦୁଇ ଗୋଷ୍ଠୀ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ନଂ. ୬୨/୨୪ ଓ ୬୩/୨୪ରେ ମାମଲା ରୁଜୁ କରି ଉଭୟ ପକ୍ଷର ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ପୋଲିସ କହିଛି, ଶନିବାର ରାତିରେ ପନ୍ଦରଗୋଉଣିଆ ଗ୍ରାମରେ ଅଗ୍ନି ଉତ୍ସବ ପାଳନ କରାଯାଉଥିଲା। ଏହି ଉତ୍ସବରେ କେତେଜଣ ଯୁବକ ଆସି ପଞ୍ଚୁ ଭୂଞିଆ ଓ ଅନ୍ୟମାନଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଫଳରେ ପାଣ୍ଡବ ଭୂଞିଆ, ସୁଜନ ଭୂଞିଆ, ଲକ୍ଷ୍ମଣ ଭୂଞିଆ, ବନରୋଉମ ଭୂଞିଆ, ସତ୍ୟବ୍ରତ ଭୂଞିଆ, ଶ୍ୟାମସୁନ୍ଦର ଭୂଞିଆ ପ୍ରମୁଖ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଗୁରୁତରଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ୬୨/୨୪ରେ ମାମଲା ରୁଜୁ କରି ପନ୍ଦରଗଉଣିଆ ଗ୍ରାମର ସରୋଜ ଭୂଞିଆ(୩୦), ବ୍ରଜ ଭୂଞିଆ(୨୯), ଦୁର୍ଲଭ ସାହୁ(୪୦), ଭାଗୀରଥି ସାହୁ(୪୦), ଦୁଃଖବନ୍ଧୁ ଭୂଞିଆ(୪୯), ଚନ୍ଦ୍ରମଣି ଭୂଞିଆ(୩୫), ବିକାଶ ସାହୁ(୩୦) ଓ କୃତିବାସ ସାମଲ(୨୫)ଙ୍କୁ ଗିରଫ କରିଛି। ସେହିପରି ନଂ. ୬୩/୨୪ରେ ଶୁକ୍ରୁ ଭୂଞିଆ(୪୧), ପଞ୍ଚୁ ଭୂଞିଆ(୪୦) ଓ ଅମରେନ୍ଦ୍ର ଭୂଞିଆ(୨୭)ଙ୍କୁ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ୨ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ପୃଥକ ପୃଥକ ଅଗ୍ନି ଉତ୍ସବ ଆୟୋଜିତ ହୋଇଥିଲା। ତେବେ ଅଗ୍ନିଉତ୍ସବ ସମୟରେ ହଠାତ୍ ଗୋଟିଏ ଗୋଷ୍ଠୀ ଆକ୍ରମଣ କରିଥିବାରୁ ଏଭଳି ଘଟଣା ହୋଇଥିବା ବଣ୍ଟଁରପାଳ ଥାନା ପକ୍ଷରୁ କୁହାଯାଇଛି।

# ଅଭିଯୁକ୍ତ ଖବରଦାତାଙ୍କୁ ମାଡ଼ିବସିଲା ପୋଲିସ

**୪ଲକ୍ଷ ୧୦ ହଜାର ଟଙ୍କା ଠକେଇ ମାମଲା**

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ସହର କାଠଗଡା ଅଞ୍ଚଳରେ ରହୁଥିବା ସୁଶାନ୍ତ କୁମାର ତ୍ରିପାଠୀଙ୍କୁ ସରକାରୀ ଚାକିରି କରାଇ ଦେବାକୁ କହି ୨ଜଣ ଖବରଦାତା ତାଙ୍କ ବାପାଙ୍କ ଠାରୁ ୪ ଲକ୍ଷ ୧୦ ହଜାର ଟଙ୍କା ଠକିନେଇଥିବା ଗତ ୧ ତାରିଖରେ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସୁଶାନ୍ତଙ୍କ ବାପା ସୁମନ୍ତ କୁମାର ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ଥାନାରେ ନଂ. ୯୪।୨୪ରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାର ତଦନ୍ତ କରି ପୋଲିସ କାଠଗଡ଼ା ଅଞ୍ଚଳରେ ରହୁଥିବା ଅମର ରଞ୍ଜନ ଦାସଙ୍କୁ ରବିବାର ବସ୍‌ଷ୍ଟାଣ୍ଡ ନିକଟରୁ ଗିରଫ କରିଛି। ପ୍ରମୁଖ ଅଭିଯୁକ୍ତ ଶୁଆଖାଇକାଟେଣୀର ଖବରଦାତା ରସାନନ୍ଦ ନାଏକ ଫେରାର ହୋଇଯାଇଛନ୍ତି। ତାଙ୍କ ସହଯୋଗୀ ଅମରଙ୍କୁ ପୋଲିସ ଗିରଫ କରିବା ପରେ ପଚରାଉଚରା କରୁଛି।

ଅଭିଯୋଗରୁ ପ୍ରକାଶ, କାଠଗଡ଼ା ଅଞ୍ଚଳରେ ରହୁଥିବା ସୁମନ୍ତଙ୍କ ପୁଅ ସୁଶାନ୍ତ ବିଟେକ୍ ପାସ କରି ସରକାରୀ ଚାକିରି ପାଇଁ ଚେଷ୍ଟା କରୁଛନ୍ତି। କିଛିଦିନ ତଳେ ପିଇଓ ପଦବୀ ପାଇଁ ସେ ଆବେଦନ କରିବା ସହ ପରୀକ୍ଷା ଦେଇଥିଲେ। ଏ ସମ୍ପର୍କରେ ତାଙ୍କ ବାପା ସୁମନ୍ତ କାଠଗଡ଼ା ଅଞ୍ଚଳରେ ରହୁଥିବା ଏବଂ ନିଜକୁ ଖବରଦାତା ବୋଲି ପରିଚୟ ଦେଉଥିବା ଅମର ରଞ୍ଜନ ଦାସଙ୍କ ସହ ଆଲୋଚନା କରିଥିଲେ। ଅମର ତାଙ୍କୁ ନେଇ ଖବରଦାତା ରସାନନ୍ଦଙ୍କ ସହ ସାକ୍ଷାତ କରାଇଥିଲେ। ତାଙ୍କ ଖବରକାଗଜର ଜଣେ ବରିଷ୍ଠ ଖବରଦାତା ଟଙ୍କା ନେଇ ୮/୧୦ ଜଣଙ୍କୁ ଚାକିରି କରାଇ ଦେଇଥିବା ସୁମନ୍ତଙ୍କୁ ରସାନନ୍ଦ କହିଥିଲେ। ଏ ବାବଦକୁ ୪ଲକ୍ଷ ଓ ଗାଡି ଭଡ଼ା ବାବଦକୁ ୧୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହି ରସାନନ୍ଦ ୨୦୨୩ ଜୁଲାଇ ୧୯, ଅଗଷ୍ଟ ୫ ଓ ଅଗଷ୍ଟ ୨୫ ତାରିଖରେ ରେଭିନ୍ୟୁ ଷ୍ଟାମ୍ପ ଉପରେ ହସ୍ତଖତ ସହ ରସିଦ ପ୍ରଦାନ କରି ସୁମନ୍ତଙ୍କ ଠାରୁ ୪ଲକ୍ଷ ୧୦ ହଜାର ଟଙ୍କା ନେଇଥିଲେ। ଏଥିରେ ଅମର ରଞ୍ଜନ ସାକ୍ଷୀ ପଡ଼ିଥିଲେ। ଗତ ସେପ୍ଟେମ୍ବର ୧୫ରେ ପିଇଓ ପରୀକ୍ଷା ଫଳାଫଳ ବାହାରିଥିଲା। ହେଲେ ସେଥିରେ ସୁମନ୍ତଙ୍କ ପୁଅ ସୁଶାନ୍ତଙ୍କ ନାମ ନ ଥିଲା। ଫଳରେ ସୁମନ୍ତ ଏ ସଂକ୍ରାନ୍ତରେ ରସାନନ୍ଦଙ୍କୁ ପଚାରିବାରେ ସେ ଟଙ୍କା ଫେରାଇ ଦେବେ ବୋଲି କହି ସାଦା କାଗଜରେ ଦସ୍ତଖତ କରିଥିଲେ। କିନ୍ତୁ ଟଙ୍କା ନ ଫେରାଇ ଓଲଟା ଧମକଚମକ ଦେଉଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ବୋଲି ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି।

# ଭାଜପାର ଗାଁକୁ ଚାଲ ଅଭିଯାନ

କଣିହାଁ,୨୫।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଭାଜପାର ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ନିଜିଗଡ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଶୁଶୁବା, ଗଣ୍ଡମଳା, ଅର୍ଜଳ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏହାସହିତ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ଶୁଶୁବା ସରପଞ୍ଚ ମାମାଲି ସାମଲ, ଶୀଗଡ ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ, ରୋହିଲା ସରପଞ୍ଚ ଦିବ୍ୟକିଶୋର ନାୟକ, ଅଭୟ ସାହୁ, ଶିଶିର ସାହୁ, ଦୁଷ୍ମନ୍ତ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



ଛେଣ୍ଡିପଦା,୨୫।୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ସ୍ଥିତ କୋଶଳା ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ମହିଳାମାନେ କଳସରେ ପାଣି ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ ହରିନାମ ମହାମନ୍ତ୍ର, ନାମଯଜ୍ଞ, ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଥିଲା। ଗ୍ରାମସମ୍ପାଦକ ନିରଞ୍ଜନ ସାହୁଙ୍କ ସମେତ ଗ୍ରାମର ସମସ୍ତ ବେହେରା ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ତୃତୀୟ ଦିବସର ପ୍ରାତଃରୁ ପୂର୍ଣ୍ଣାହୁତି ଓ ପ୍ରସାଦସେବନ କରାଯାଇଥିଲା। କୋଶଳା ଗ୍ରାମ ସମେତ ରାଇଝରଣ, ବରପଦା, ଗୋପିବଲ୍ଲଭପୁର, ନାଣ୍ଡିଛୋଡ, ଷଣ୍ଢପାଳ, ବ୍ରାହ୍ମଣବିଲ ଓ ଭାଗଲାକଟା ସମେତ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଭାଜପାର ଶକ୍ତି ପ୍ରଦର୍ଶନ

କାମାକ୍ଷାନଗର,୨୫।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ରାମେଶ୍ୱର ମନ୍ଦିର ରାମିଆଳ ନଦୀ ନିକଟ ଆମ୍ବ ତୋଟାରେ ରବିବାର ଭାଜପାର ବନ୍ଧୁ ମିଳନ ଓ ଆଗାମୀ ନିର୍ବାଚନ ପାଇଁ ଟିକେଟ ଆଶାୟୀଙ୍କ ଶକ୍ତି ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଭାଜପାରେ ଯୋଗଦେଇଥିବା ଭାଜପା ନେତା ବିଶ୍ୱରଞ୍ଜନ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଦଳର ରଣନୀତି ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ କର୍ମୀ ଏକାଠି ହୋଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଢିବା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ନାୟକ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଦିବସ ବେହେରା, ବିରଞ୍ଚି ନାରାୟଣ ଦାସ, ସର୍ବେଶ୍ୱର ଦାସ, ମୀନକେତନ ଦାସ, ପବିତ୍ରମୋହନ ରାଉତଙ୍କ ସମେତ ଶତାଧିକ ପୁରୁଷମହିଳା, କର୍ମୀ ଉପସ୍ଥିତ ଥିଲେ।



ରାମିଆଳ ନଦୀ ନିକଟ ଆମ୍ବ ତୋଟାରେ ଭାଜପାର ବନ୍ଧୁ ମିଳନ ଓ ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମରେ ନେତୃବୃନ୍ଦ।

## ଘର ଭିତରେ ବୃଦ୍ଧାଙ୍କ ଆତ୍ମହତ୍ୟା

ଛେଣ୍ଡିପଦା,୨୫।୨(ଅଜିତ ଧଳ)

ଅନୁଗୋଳ ଜିଲା ବାଗଡିଆ ଥାନା ବାଗଡିଆ ଗ୍ରାମ ବୁଢ଼ାସାହିର ନନ୍ଦିନୀ ପାଣି (୮୦) ଶନିବାର ବିଳମ୍ବିତ ରାତିରେ ଘର ଭିତରେ ଆତ୍ମହତ୍ୟା କରିଥିବା ତାଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, କିଛିବର୍ଷ ହେବ ନନ୍ଦିନୀ ଏକ ପୁରୁଣା ଘରେ ଏକୁଟିଆ ରହୁଥିବାବେଳେ ପୁଅବୋହୂ ନୂଆଘରେ ରହୁଥିଲେ। ଶନିବାର ଘରେ କେହି ନ ଥିବାବେଳେ ବୃଦ୍ଧା ବିଳମ୍ବିତ ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳେ ନନ୍ଦିନୀଙ୍କ ପୁଅ ଘଟଣା ସମ୍ପର୍କରେ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜୈନ ମିଶ୍ରିଲାଲ ପଦ୍ମାବତୀ ମଡେଲ ସ୍କୁଲର ବାର୍ଷିକ ଉତ୍ସବ




କାମାକ୍ଷାନଗର,୨୫।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଜୈନ ମିଶ୍ରିଲାଲ ପଦ୍ମାବତୀ ମଡେଲ ସ୍କୁଲର ୮ମ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଅଡିଟୋରିଅମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କାମାକ୍ଷାନଗର ସହରର କଳେବର ଦିନକୁ ଦିନବୃଦ୍ଧି ପାଉଛି। ଶିକ୍ଷା କ୍ଷେତ୍ରରେ ଜୈନ ମିଶ୍ରିଲାଲ ପଦ୍ମାବତୀ ମଡେଲ ସ୍କୁଲ ନୂତନ ଆଶା ସଞ୍ଚାର କରିପାରିଛି। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପରିଚାଳନା କମିଟି କୋଷାଧ୍ୟକ୍ଷ ମଙ୍ଗତଲାଲ କଟାରୁକା, ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାନ୍ତି, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଯଶୋବନ୍ତ ମହାନ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ସେନାପତି ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବଢୁଛି ଚୋରି, ପାଟ୍ରୋଲିଂ ପାଇଁ ଦାବି

କଣିହାଁ,୨୫।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ଟାଉନ୍‌ଶିପର ୩ଟି କ୍ୱାର୍ଟରରୁ ଚୋରି ହୋଇଛି। ଫଳରେ ଜନସାଧାରଣ ଭୟଭୀତ ହୋଇପଡ଼ିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର କେତୋଟି କ୍ୱାର୍ଟର୍ସରୁ ତାଲା ଭାଙ୍ଗି ଚୋରି ହୋଇଥିବା ନେଇ ଶୁକ୍ରବାର ସକାଳେ ଜଣାପଡିଥିଲା। ପାଣିଟାଙ୍କି କଲୋନୀର ଏକ 'ଇ' ଟାଇପ କ୍ୱାର୍ଟର୍ସ, ମେନ ରୋଡ୍‌ରେ ଏକ 'ଡି' ଟାଇପ କ୍ୱାର୍ଟର୍ସ ଓ ପଛପାଖ ଏକ 'ଡି' ଟାଇପ କ୍ୱାର୍ଟର୍ସରେ ପଶି ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ରୁପା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ସମଲ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ସନ୍ଧାନ ମିଳିପାରି ନାହିଁ। ପୋଲିସ ପାଟ୍ରୋଲିଂ ନ ଥିବା ଓ ପୋଲିସ ପ୍ରତି ଅସାମାଜିକ ବ୍ୟକ୍ତିଙ୍କ ଭୟ ନ ଥିବାରୁ ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଏନେଇ ତୁରନ୍ତ ପୋଲିସ ପାଟ୍ରୋଲିଂ ବଢାଇବା, ଅସାମାଜିକ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବଢୁଛି ଚୋରା ମଦ କାରବାର

ଓଡ଼ାପଡ଼ା,୨୫।୨(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍ ଫାଣ୍ଡି ଅଞ୍ଚଳରେ ଚୋରା ମଦ ଓ ଗଞ୍ଜେଇ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ହିନ୍ଦୋଳ ରୋଡ୍ ଫାଣ୍ଡିଠାରୁ ମାତ୍ର ୫୦୦ ମିଟର ଦୂରରେ ୩୦ରୁ ଅଧିକ ବ୍ୟକ୍ତି ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଏହି ଚୋରା ମଦ ଯୋଗୁ ଗୋଟିଏ ବର୍ଷରେ ୨୦ରୁ ଅଧିକ ଜୀବନ ଯାଇଥିବାବେଳେ ୩୦ରୁ ଅଧିକ ବ୍ୟକ୍ତି ମୃତ୍ୟୁ ସହ ସଂଗ୍ରାମ କରୁଥିବା ଆଲୋଚନା ହେଉଛି। ଏଥିସହ ଏହି ମାଦକ ଦ୍ରବ୍ୟ ଯୋଗୁ ଅନେକ ପରିବାର ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଫଳରେ ଏହାର କୁପ୍ରଭାବ ଛୋଟ ଶିଶୁଙ୍କ ଉପରେ ପଡୁଛି। ଅବକାରୀ ଓ ପୋଲିସ ବିଭାଗ ନାମକୁ ମାତ୍ର ଚଢ଼ାଉ କରି ବାହାବା ନେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଚୋରା ମଦ କାରବାର ରୋକିବାକୁ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ରାସ୍ତା ସମ୍ପ୍ରସାରଣ ପାଇଁ ଭୂମିପୂଜନ

କଣିହାଁ,୨୫।୨(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା ତାଳଚେର ଗ୍ରାମ୍ୟ ଉନ୍ନୟନ ବିଭାଗର କଣିହାଁ ବ୍ଲକସ୍ଥିତ ବଡତ୍ରିବିଡା ପଞ୍ଚାୟତ ହରିଚନ୍ଦନପୁର ଗ୍ରାମଠାରୁ ବରିହାପୁରରୁ କୋଶଳକୁ ସଂଯୋଗ କରୁଥିବା ରାସ୍ତା ସମ୍ପ୍ରସାରଣ ଦୋହରୀକରଣ ପାଇଁ ଭୂମିପୂଜନ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନ୍ୟତମ ଅତିଥି ଭାବେ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଉପଖଣ୍ଡ ସହକାରୀଯନ୍ତ୍ରୀ ମୋନାଲିସା ମହାନ୍ତ, କନିଷ୍ଠ ଯନ୍ତ୍ରୀ ଟିକନ ନାୟକ, ସରପଞ୍ଚ ଶାନ୍ତନୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ରାସ୍ତା ସମ୍ପ୍ରସାରଣ ଦୋହରୀକରଣ ପାଇଁ ୭ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସୁନୀଲ ପ୍ରଧାନ, ହରିଚନ୍ଦନପୁର ଗ୍ରାମ ସଭାପତି ଧନଞ୍ଜୟ ସାହୁ, ସମ୍ପାଦକ କେଶବ ଚନ୍ଦ୍ର ସାହୁ, ସରଧାପୁର ଗ୍ରାମ ୱାର୍ଡ଼ ସଭ୍ୟ ଲୋଚନ ସାହୁ, ଜାମୁଯୋଡି ଗ୍ରାମ ସଭାପତି ସୁଦର୍ଶନ ବେହେରା, ଜିତୁ ପ୍ରଧାନ, ବରିହାପୁର ଗ୍ରାମ ସଭାପତି ମଦନମୋହନ ସାହୁ, ସମ୍ପାଦକ ଫକୀର ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ରାସ୍ତା ନିର୍ମାଣର ଭୂମିପୂଜନ ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଜିଲାରେ ପୁରସ୍କୃତ ହେଲେ ୧୫୦୪ ଜଣ

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ

ଢେଙ୍କାନାଳ,୨୫।୨(ରତନ ନାୟାର)

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମକରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ରବିବାର ପୂର୍ବାହ୍ନ ୧୦ଟା ୪୫ରେ ସହରସ୍ଥିତ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଧୈର୍ଯ୍ୟ ହିଁ ସଫଳତାର ଚାବିକାଠି ବୋଲି କହିବା ସହ ପ୍ରଚଣ୍ଡ ଉଦ୍ୟମ ଦ୍ୱାରା ସମସ୍ତ କାର୍ଯ୍ୟ ହାସଲ କରାଯାଇପାରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ଶିକ୍ଷା ଦ୍ୱାରା ହିଁ ଘର ଓ ସମାଜ ସୁନ୍ଦର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ସାମାଜିକ ମୂଲ୍ୟବୋଧର ବିକାଶ ଦିଗରେ ଶିକ୍ଷାର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଜିଲାପାଳ ମନୋରଞ୍ଜନ ମଲ୍ଲିକ, ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ସୁରେନ୍ଦ୍ର ହେମ୍ବ୍ରମ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାରେ ୧୫୦୪ ଜଣ ପୁରସ୍କୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯୪ ଜଣଙ୍କୁ ଜିଲାସ୍ତର ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର, ୮୧୬ ଜଣଙ୍କୁ ବ୍ଲକସ୍ତର ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର, ୫୦୬ ଜଣଙ୍କୁ ଷ୍ଟୁଡେଣ୍ଟ ଲିଡରଶିପ୍ ପୁରସ୍କାର, ୨୪ ଜଣଙ୍କୁ ସ୍କୁଲ ପୁରସ୍କାର (ସେକେଣ୍ଡାରୀ), ୧୪ ଜଣଙ୍କୁ ସ୍କୁଲ ପୁରସ୍କାର (ଏଲିମେଣ୍ଟାରି), ୮ଜଣଙ୍କୁ ଗ୍ରାମ ପଞ୍ଚାୟତ ପୁରସ୍କାର, ୮ଜଣଙ୍କୁ ଆଲୁମନି କମିଟି ପୁରସ୍କାର, ୮ଜଣଙ୍କୁ ସ୍କୁଲ ମ୍ୟାନେଜମେଣ୍ଟ କମିଟି ପୁରସ୍କାର, ୮ ପ୍ରଧାନ ଶିକ୍ଷକଙ୍କୁ ଓ ୮ ଶିକ୍ଷକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଉଛି।

# ସ୍ୱତନ୍ତ୍ର ଭଏସ୍, ଉପସ୍ଥାପନା କାଳଜୟୀ କରିବ

## ଅମିନ ସୟାନୀଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ,୨୫।୨(ରତନ ନାୟାର)

ପରଲୋକଗତ ଲୋକପ୍ରିୟ ବିଶିଷ୍ଟ ରେଡିଓ ଉପସ୍ଥାପକ ଅମିନ ସୟାନୀଙ୍କ ସ୍ମୃତିରେ ରବିବାର ଢେଙ୍କାନାଳ ସହର ଗଣେଶ ବଜାରସ୍ଥିତ ମିଶନ ରିକନଷ୍ଟ୍ରକଶନର ବେସିକ ଇନଫର୍ମେଶନ ଓ ମିଡିଆ ସର୍ଭିସ ସେଣ୍ଟର ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୬୦ ବର୍ଷ ଧରି ଶ୍ରୋତାଙ୍କ ହୃଦୟ ଜିତିଥିବା ଅମୀନ ସୟାନୀ ଗତ ୨୦ ତରିଖରେ ବମ୍ବେଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ପ୍ରାୟ ୫୪ ହଜାରରୁ ଅଧିକ ରେଡିଓ ପ୍ରୋଗ୍ରାମର ପ୍ରଡ୍ୟୁସର ଉପସ୍ଥାପକ ଥିଲେ। ୬୦ରୁ ୮୦ ଦଶକ ମଧ୍ୟରେ ସିଲଂ ରେଡିଓରେ ପ୍ରଥମେ ବିନାକା ଗୀତମାଲା ଓ ପରେ ସିବାକା ଗୀତମାଲା କାର୍ଯ୍ୟକ୍ରମରେ ଉପସ୍ଥାପନା ଅମୀନ ସୟାନୀଙ୍କୁ ଅଧିକ ଲୋକପ୍ରିୟ କରାଇଥିଲା। ତାଙ୍କର ସ୍ୱତନ୍ତ୍ର ଭଏସ୍ ଓ ଉପସ୍ଥାପନା ତାଙ୍କୁ କାଳଜୟୀ କରି ରଖିବ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସିବିଆଇ ଭିକାରୀ ଚରଣ ରାଉତ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର ରଞ୍ଜନ ସାହୁ, ଓପିଜିସିର ଏଚ୍‌ଆର ମୁଖ୍ୟ ସିତାଂଶୁ ଶେଖର ରଥ, ବ୍ୟାଙ୍କ ଏକ୍‌ଜିକ୍ୟୁଟିଭ୍ ସୁନୀଲ ମହାରଣା ଓ ଅବସରପ୍ରାପ୍ତ ଜିଲା ପଞ୍ଚାୟତ ଅଧିକାରୀ ନିରଞ୍ଜନ ମିଶ୍ର ପ୍ରମୁଖ ଅମୀନ ସୟାନୀଙ୍କ ସ୍ମୃତିଚାରଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଶିଶୁ ଅଧିକାରୀ ଗବେଷକ ଡ. ବିରଞ୍ଚି ନାରାୟଣ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅମିନ ସୟାନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଚାଷୀ ହତ୍ୟା ବିରୋଧରେ କଳା ଦିବସ

ଢେଙ୍କାନାଳ,୨୫।୨(ରତନ ନାୟାର)

କୃଷକମାନଙ୍କ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନରେ ୨୩ ବର୍ଷୀୟ ଚାଷୀ ଶୁଭ କରଣ ସିଂଙ୍କ ମୃତ୍ୟୁ ଘଟଣାକୁ ନେଇ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆହ୍ୱାନ କ୍ରମେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ରବିବାର ଏକ ପ୍ରତିବାଦ ସଭା ସହିତ କଳା ଦିବସ ପାଳନ କରାଯାଇଥିଲା। ଦୀର୍ଘ ୨ ବର୍ଷ ତଳେ କେନ୍ଦ୍ର ସରକାର ଦେଇଥିବା ଲିଖିତ ପ୍ରତିଶ୍ରୁତି ପୂରଣ ନ କରି କୃଷକମାନଙ୍କ ଆନ୍ଦୋଳନକୁ ଦମନ କରିବା ଲାଗିଛନ୍ତି। ଏହି ସଭାରେ ସିପିଆଇଏମ୍ ଢେଙ୍କାନାଳ ଜିଲା ଆବାହକ ସର୍ବଜ୍ଞ ସାହୁ, କଂଗ୍ରେସ ମିଡିଆ ପ୍ରଭାରୀ ଡା. ତୁଷାରକାନ୍ତି ନାୟକ, କଂଗ୍ରେସ ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣ, ଜିଲା ସଭାପତି ସୁନୀଲ ଦାଶ, ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ରୁବିନା ବେଗମ୍, ଯୁବ ସଭାପତି ଶୁଭମ୍ ଦାଶ, ଛାତ୍ର ସଭାପତି, ଦଳିତ ସଂଘ ମଞ୍ଚର ପ୍ରିୟ ନାଏକ ପ୍ରମୁଖ ବକ୍ତବ୍ୟ ଦେଇ ଫସଲର ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଆଇନ ପ୍ରଣୟନ ଏବଂ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ ଓ ବଳିଷ୍ଠ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ମୃତ୍ୟୁଞ୍ଜୟ ଖୁଣ୍ଟିଆ, ଈଶ୍ୱର ସେଠୀ, ସୁରେନ୍ଦ୍ର ସାହୁ ଓ ଗୋପାଳ ରାଉତ ପ୍ରମୁଖ ଯୋଗ ଦେଇଥିଲେ।


ଜିଲା କଂଗ୍ରେସ ପକ୍ଷରୁ ଚାଷୀ ହତ୍ୟା ବିରୋଧରେ କଳା ଦିବସ ପାଳନ କରାଯାଉଛି।

# ଭାଷା ସାହିତ୍ୟ ହେଉଛି ସଂସ୍କୃତିର ବାହକ

## ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ସହର ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ପୂର୍ବାହ୍ନ ୧୦ଟାରେ ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ଏକାଡେମୀ କଲିକତାର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ଗବେଷିକା ଡ. ପୁଷ୍ପଲତା ରଥ ଆଲୋଚନାଚକ୍ର ସମ୍ପର୍କରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ।

ଏହି ଅବସରରେ ପଦ୍ମଶ୍ରୀ ପଣ୍ଡିତ ମିଶ୍ର କହିଲେ ଯେ, ଭାଷା ସାହିତ୍ୟ ହେଉଛି ସଂସ୍କୃତିର ବାହାକ। ଓଡ଼ିଆ ଭାଷା ୨୬୦୦ ବର୍ଷର ଲିଖିତ ଭାଷା। ସାହିତ୍ୟର ପରମ୍ପରା ଯେତେବେଳେ ଭାଙ୍ଗିଯାଏ ସେତେବେଳେ ଦୁର୍ଘଟଣା ଘଟିଥାଏ। ସାହିତ୍ୟ ପରମ୍ପରାକୁ ବଜାୟ ରଖିବା ଉଚିତ। ସାହିତ୍ୟ ହେଉଛି ନିତ୍ୟ ଓ ନୂତନ। ସାହିତ୍ୟ ସାମାଜିକ ସଚେତନତାଧର୍ମୀ ହେଲେ ପାଠକ ସୃଷ୍ଟି ହୋଇପାରିବ। ସାହିତ୍ୟକୁ ଆତ୍ମପ୍ରଚାର କେନ୍ଦ୍ରିକ ନ କରି ସାମାଜିକ ଆଭିମୁଖୀ କରିବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରୀ ଦାସ କହିଲେ, ଗଗନ ପବନରେ ଭାଷା, ସାହିତ୍ୟ ଓ ସଂସ୍କୃତି ଭରି ରହିଛି। ପ୍ରତ୍ୟେକ ଭାଷାର ନିଜସ୍ୱ ମହତ୍ତ୍ୱ ରହିଛି। ଲେଖକମାନେ ଭାଷାକୁ ବଞ୍ଚାଇ ରଖିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ମନୋହର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭୂତି ଭୂଷଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ନାଟ୍ୟକାର ଡ. ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ତପନ କୁମାର ଶତପଥୀ, ନାଟ୍ୟକାର ଦିନେଶ ଦାସ, ଅଧ୍ୟାପକ ଗୁରୁଚରଣ ରାଉତ ଓ ଜୟକୃଷ୍ଣ ମିଶ୍ର ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ବିଜୟାନନ୍ଦ ସିଂ ଯୋଗ ଦେଇଥିଲେ। ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବାହାଦୁର ପାଟସାହାଣୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍, କବି ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।



ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ପାଚିକା ସହାୟିକା ସଂଘ ବୈଠକ

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ବୈଠକ ରବିରଥଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ରାଜ୍ୟ ସରକାର ୬୦୦ ଟଙ୍କା ମଜୁରି ବୃଦ୍ଧି କରିଥିବାରୁ ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ଏହା ଉପରେ ପୁନଃବିଚାର କରି ମଜୁରି ବୃଦ୍ଧି ସହିତ ଅନ୍ୟାନ୍ୟ ଦାବିରେ ଆସନ୍ତା ୨୭ ତାରିଖରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ଏବଂ ଏକ ପ୍ରତିବାଦ ସଭା ହେବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ଶାନ୍ତିପ୍ରିୟା ସାହୁ, ରୁଲି ରାଉତ, ସୁଭାଷିନୀ ବେହେରା ଓ ଝିଲ୍ଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଆସୁଛନ୍ତି ୫-ଟି ଅଧ୍ୟକ୍ଷ

ଅନୁଗୋଳ, ୨୫।୨ (ଅମିତ କୁମାର ସାମଲ)

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ଅନୁଗୋଳ ଗସ୍ତରେ ଆସୁଛନ୍ତି। ୫-ଟି ଅଧ୍ୟକ୍ଷ ଅପରାହ୍ନ ୨ଟା ୩୦ରେ ଅନୁଗୋଳ ପୋଲିସ ଟ୍ରେନିଂ କଲେଜସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ଏହାପରେ ସହରର ବିଜୁ ମଇଦାନ ଠାରେ ସେ ଛାତ୍ରୀଛାତ୍ରଙ୍କ ସହ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ସ୍କଲାରଶିପ୍ ସାର୍ଟିଫିକେଟ୍ ବଣ୍ଟନ କରିବେ। ଏଥିସହ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ସହିତ ନୂଆ-ଓ ସମ୍ପର୍କରେ ଆଲୋଚନା କରିବେ। ଏହାପରେ ସେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟସୂଚୀ ରହିଛି। ତେବେ ୫-ଟି ଅଧ୍ୟକ୍ଷଙ୍କ ଏହି ଗସ୍ତକୁ ନେଇ ରାଜନୈତିକ ଦଳ ପାଖରୁ ଆରମ୍ଭ କରି ପ୍ରଶାସନ ଯାଏ ସବୁଠି ତତ୍ପରତା ପ୍ରକାଶ ପାଇଛି। ବିଜୁ ମଇଦାନ ସମ୍ପୂର୍ଣ୍ଣ ଭାବେ ପୋଲିସ ଛାଉଣୀରେ ରହିଥିବା ଜଣାପଡ଼ିଛି।

# ବି.ବି. ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟକୁ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ଭାବରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ଆଲୁମନି କମିଟି ପୁରସ୍କାର ମିଳିଛି। ରାଜ୍ୟସ୍ତରୀୟ ମେଧାବୃତି ସମ୍ମାନ ଓ ସର୍ବମୋଟ ୨ଲକ୍ଷ ୭୫ହଜାର ଟଙ୍କାର ଅର୍ଥରାଶି ଓ ୫ଗୋଟି ମୋମେଣ୍ଟୋ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭକରି ଏହି ବିଦ୍ୟାଳୟ ଢେଙ୍କାନାଳ ଜିଲା ପାଇଁ ଗୌରବ ଆଣିପାରିଛି। ବି.ବି. ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ସଦର ବ୍ଲକସ୍ତରୀୟ ମାଧ୍ୟମିକ ସ୍କୁଲ ପୁରସ୍କାର ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ, ସଦର ବ୍ଲକ ୨୦୨୩ ବ୍ୟାଚ୍‌ର ପ୍ରାକ୍ତନ ଛାତ୍ରୀ ସୌମ୍ୟାଶ୍ରୀ ପଟ୍ଟନାୟକ ଓ ପ୍ରାକ୍ତନ ଛାତ୍ର ହୃଦାନନ୍ଦ ଦାସଙ୍କୁ ଛାତ୍ରୀଛାତ୍ର ଲିଡରଶିପ୍ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବ୍ଲକସ୍ତରରେ ସ୍ୱୟଂଶୁ ଶୁଭଦର୍ଶିନୀ ଧଳ, ପ୍ରେମ ସ୍ୱରୂପ ପଣ୍ଡା, ସୌମେଶ ସାହୁ, ପ୍ରୀତମ ପ୍ରିୟଙ୍କର ବରାଳ, ବାସନ୍ତୀ ସାମନ୍ତରାୟ ଓ ସ୍ମିତାଶ୍ରୀ ଦେହୁରୀଙ୍କୁ ଢେଙ୍କାନାଳ ଛାତ୍ରୀଛାତ୍ର ଏକାଡେମିକ୍ ଆୱାର୍ଡ ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରହ୍ମୋତ୍ରୀ ବିଶ୍ୱାଳ, ବରିଷ୍ଠ ବିଜ୍ଞାନ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମିଳିତ ମାର୍ଗଦର୍ଶନରେ ଏହି ସମ୍ମାନଜନକ ପୁରସ୍କାର ହାସଲ ହୋଇପାରିଛି।


ବି.ବି. ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଉଛି।

# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ସହରର ବିଶିଷ୍ଟ ବ୍ୟବସାୟୀ ତଥା ଗଣେଶ ବଜାରସ୍ଥିତ ହୋଟେଲ ସାଗର ସଙ୍ଗମର ସ୍ୱତ୍ୱାଧିକାରୀ ସନ୍ତୋଷ କୁମାର ସାହୁଙ୍କ ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀଙ୍କ ସମେତ ଦୁଇ ପୁଅ, ବୋହୂ, ନାତୁଣୀନାତି ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ଏମ୍‌ପି ମହେଶ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଣେଶ ବଜାରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗଣେଶ ବଜାର ପୂଜା କମିଟି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହେବା ସହ ମୃତ ବ୍ୟବସାୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ମରଶରୀରକୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ଖାଇରଗଡାସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ସନ୍ଦୀପ ସାହୁ ମୁଖାଗ୍ନୀ ଦେଇଥିଲେ।


ବିଶିଷ୍ଟ ବ୍ୟବସାୟୀ ସନ୍ତୋଷ କୁମାର ସାହୁ।

# ରାସ୍ତା ଉପରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଶାସନ ଛକ ନିକଟ ଜନଗହଳିପୂର୍ଣ୍ଣ ପ୍ରମୁଖ ରାସ୍ତାରେ ରବିବାର ସକାଳ ୯ଟାରେ ଜଣେ ଯୁବକଙ୍କୁ ଅନ୍ୟ ୨ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ମାଡ଼ ଖାଉଥିବା ଯୁବକଙ୍କ ସାର୍ଟ ଖୋଲି ଅଭିଯୁକ୍ତ ୨ ଯୁବକ ତାଙ୍କୁ ରାସ୍ତା ଉପରେ ପକାଇ ପ୍ରବଳ ମାଡ଼ ମାରିଥିଲେ। ରାସ୍ତାର ଦୁଇପାର୍ଶ୍ୱରେ ଛିଡା ହୋଇଥିବା ଲୋକମାନେ ଅଭିଯୁକ୍ତ ୨ ଯୁବକଙ୍କୁ ଏଥିରୁ ନିବୃତ ରହିବା ପାଇଁ ପାଟିକରି କହିବା ସତ୍ତ୍ୱେ ସେମାନେ ଏହାକୁ ଖାତିର କରି ନ ଥିଲେ। ଖବରପାଇ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ, ଏସ୍‌ଆଇ ସୌଭାଗ୍ୟ ପାଣି ଘଟଣାସ୍ଥଳରେ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ କାବୁ କରିନେଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଏହି ଘଟଣା ସମୟର ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଘଟଣାରୁ ଜଣାପଡିଛି, ସହରସ୍ଥିତ ଅଳସୁଆ ହାଟ ନୂଆସାହି ଅଞ୍ଚଳର ଶ୍ରୀପତି ମଲ୍ଲିକ ପୂର୍ବରୁ ମିନାବଜାର ଅଞ୍ଚଳର ଅଭିଷେକ ନାୟକ ଓ କ୍ରିଷ୍ଣା ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ସେହି ସମୟରେ ଅଭିଯୋଗ ହୋଇ ମାମଲା ରୁଜୁ ହୋଇଥିଲା। ପୋଲିସ ଶ୍ରୀପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶ୍ରୀପତି ଜାମିନରେ ଆସିବା ପରେ ବୁଲାବୁଲି କରୁଥିବା ବେଳେ ରବିବାର ଅଭିଷେକ ଓ କ୍ରିଷ୍ଣା ତାଙ୍କୁ ଶାସନ ଛକ ନିକଟରେ ଦେଖି ଗୋଡ଼ାଇଥିଲେ। ଏହାପରେ ତାଙ୍କୁ ଧରିନେଇ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ କେସ୍ ନଂ. ୧୪୭।୨୪ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ସଦର ଥାନା ବେଶାଳିଆ ଗ୍ରାମର ତଥା ବର୍ତ୍ତମାନ ସହରସ୍ଥିତ ମିନାବଜାର ଅଞ୍ଚଳରେ ରହୁଥିବା ଅଭିଷେକ ନାୟକ(୨୪)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟତମ ଅଭିଯୁକ୍ତ କ୍ରିଷ୍ଣା ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି।


ଶାସନ ଛକଠାରେ ଜଣେ ଯୁବକଙ୍କୁ ତଳେ ପକାଇ ନିସ୍ତୁକ ମାଡ ମରାଯାଉଛି।

# ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ସୁରକ୍ଷା ପ୍ରଦର୍ଶନୀ

ଢେଙ୍କାନାଳ,୨୫।୨(ରତନ ନାୟାର)

ଟାଟାଷ୍ଟିଲ ମେରାମଣ୍ଡଳୀ(ଟିଏସ୍‌ଏମ୍) ପକ୍ଷରୁ ମାନବ ମେଶିନ ସମସ୍ୟାର ଦୂରୀକରଣ ସମ୍ପର୍କିତ ଷଷ୍ଠ ସୁରକ୍ଷା ପ୍ରଦର୍ଶନୀ ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ୩ଦିନିଆ କାର୍ଯ୍ୟକ୍ରମରେ ମେରାମଣ୍ଡଳୀ ସାହିବାବାଦ, ଖୋପୋଲି ଓ ହୋସୁର ଭଳି ବିଭିନ୍ନ ସ୍ଥାନରୁ ପ୍ରତ୍ୟେକ୍ଷ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସେମାନଙ୍କ ଠାରୁ ମୋଟ ୧୬୯୫ ଅଭିନବ ଚିନ୍ତାଧାରା ସଂଗ୍ରହ କରାଯାଇଥିଲା। ଏହି ପ୍ରଦର୍ଶନୀର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟକ୍ଷେତ୍ରରେ ମାନବ-ମେଶିନ ମଧ୍ୟରେ ଦେଖାଯାଉଥିବା ସମସ୍ୟାକୁ ହ୍ରାସ କରିବା। ଏହି କାର୍ଯ୍ୟକ୍ରମରେ ଯାନ୍ତ୍ରିକୀକରଣ, ରିମୋର୍ଟ ୱାର୍କିଂ ମୂଳ ସ୍ଥିତିର ପୁନରୁଦ୍ଧାର ଓ ଉପକରଣ, ଅଟୋମେଶନ, ରୋବୋଟିକ୍ସ ଓ ଡିଜିଟାଇଜେଶନ, ବାରିକେଡିଂ ଓ ଆକ୍ସେସ୍ କଣ୍ଟ୍ରୋଲ, ମେଶିନ ସୁରକ୍ଷା ଏବଂ ଜିଗ୍ସ, ଫିକ୍ଚର ଟୁଲ୍ସ ଓ ଟାକେଲ୍ସ ଭଳି ୫ଟି ନିର୍ଦ୍ଦିଷ୍ଟ ବର୍ଗରେ ୨୦୦ ସୁରକ୍ଷା କାଇଜେନ୍‌କୁ ପ୍ରଦର୍ଶନ କରାଯାଇଥିଲା। ଏଥିମଧ୍ୟରୁ ୫୦ ପ୍ରତିଶତ ଇଞ୍ଜିନିୟରିଂ ହୋଇଥିବା ନିୟନ୍ତ୍ରଣ ସମାଧାନ, ୨୫ ପ୍ରତିଶତ ପ୍ରଶାସନିକ ନିୟନ୍ତ୍ରଣ ପଦକ୍ଷେପ, ୧୫ ପ୍ରତିଶତ ବିପଦ ଉପରେ ଗୁରୁତ୍ୱ ଆରୋପ କରିବା ବେଳେ ୧୦ ପ୍ରତିଶତ ବିପଦ ଦୂରୀକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଟାଟାଷ୍ଟିଲର ସୁରକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ ଉପସଭାପତି ରାଜୀବ ମଙ୍ଗଳ, ଟିଏସ୍‌ଏମ ଅପରେସନ୍ସ, ଏନ୍‌ଏମ୍‌ବି ଓ ଗ୍ରାଫିନିର ଉପସଭାପତି ସୁବୋଧ ପାଣ୍ଡେ, ଟାଟାଷ୍ଟିଲ ସୁରକ୍ଷା ମୁଖ୍ୟ ନିରଜ କୁମାର ସିହ୍ନା, ଟିଏସ୍‌ଏମ୍‌ର ସୁରକ୍ଷା ମୁଖ୍ୟ ଅଗମ କୁମାର ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ମୁଖ୍ୟ, ଲାଇନ ମ୍ୟାନେଜର ଓ ବିଭିନ୍ନ ୟୁନିଟ୍‌ର ଭେଣ୍ଡର ସହଯୋଗୀ ଉପସ୍ଥିତ ଥିଲେ। କର୍ମକ୍ଷେତ୍ର ସୁରକ୍ଷାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଇଞ୍ଜିନିୟରିଂ ସମାଧାନଗୁଡିକୁ ଅନୁସନ୍ଧାନ କରିବା ଲାଗି ଏହି ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ମୁଖ୍ୟମାନେ ସେମାନଙ୍କ ସହଯୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ। ମାନବ-ମେଶିନ ମଧ୍ୟରେ ଥିବା ସମସ୍ୟାକୁ ଦୂର କରିବା ଲାଗି ଟାଟାଷ୍ଟିଲର ଏହି କାର୍ଯ୍ୟକ୍ରମ ବିଷୟରେ ଜାଣିବା ପାଇଁ ସମସ୍ତ ବିଭାଗର ଶ୍ରମିକ, ସୁପରଭାଇଜର, ସୁରକ୍ଷା ପ୍ରଫେସନାଲ ଓ ଲାଇନ ମ୍ୟାନେଜର ଉତ୍ସାହର ସହ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବିଭିନ୍ନ ବର୍ଗରେ ବିଜେତା ଭାବେ ଚୟନ ହୋଇଥିବା କାଇଜେନଗୁଡିକୁ ଟିଏସ୍‌ଏମ୍‌ର ଚିଫ୍ ଆଇରନ ମେକିଂ ଅମିତ କୁମାର ସିଂ ଓ ସୁରକ୍ଷା ମୁଖ୍ୟ ଅଗମ କୁମାର ସମ୍ବର୍ଦ୍ଧିତ କରିଥିଲେ। ଟିଏସ୍‌ଏମ୍ କର୍ମକ୍ଷେତ୍ର ସୁରକ୍ଷା ମୁଖ୍ୟ ଉପେନ୍ଦ୍ର ପ୍ରସାଦ ଯାଦବ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା କର୍ମକ୍ଷେତ୍ରରେ ସୁରକ୍ଷା ପ୍ରତି ଟାଟାଷ୍ଟିଲ ପ୍ରତିବଦ୍ଧତା ଏବଂ ଏକ ବିପଦମୁକ୍ତ ପରିବେଶ ଲାଗି ଏହାର ଯତ୍ନଶୀଳତାକୁ ଦର୍ଶାଉଛି। ସେହିପରି ନିଜ କାର୍ଯ୍ୟକ୍ଷେତ୍ରକୁ ସୁରକ୍ଷିତ ରଖିବା ଏବଂ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପରିବେଶ ବଜାୟ ରଖିବାରେ ଆହୁରି ଉନ୍ନତି ଆଣିବା ଲାଗି କମ୍ପାନୀ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛି ବୋଲି ସୂଚନା ଦିଆଯାଇଛି।



ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ସୁରକ୍ଷା ପ୍ରଦର୍ଶନୀରେ ଅଧିକାରୀମାନେ।

